ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook, YouTube, Twitter

ବର୍ଷ-୬ | ସଂଖ୍ୟା-୧୨୯ | ଶନିବାର | ୨ ଅଗଷ୍ଟ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-129 | Saturday | 2 August 2025 | Bhubaneswar | Pages-8 | Rs. 2.00

## ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ



ନୂଆଦିଲ୍ଲୀ, ୧।୮ (ହି.ସ): ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ଦେଶର ରାଜନୀତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ଇସ୍ତଫା ପରେ ପରବର୍ତ୍ତୀ ଉପରାଷ୍ଟ୍ରପତି ଚୟନ ପାଇଁ ନିର୍ବାଚନ ଆଗାମୀ ସେପ୍ଟେମ୍ବର ୯ରେ ଅନୁଷ୍ଠିତ ହେବ ବୋଲି ଭାରତ ନିର୍ବାଚନ କମିଶନ ଘୋଷଣା କରିଛି। ଜଗଦୀପ ଧନଖଡ଼ ଗତ କିଛି ବର୍ଷ ଧରି ଉପରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ କାର୍ଯ୍ୟକାଳରେ ରାଜ୍ୟସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ନିଷ୍ପତ୍ତି ହୋଇଥିଲା। ତେବେ, ବ୍ୟକ୍ତିଗତ କାରଣ ଦର୍ଶାଇ ସେ ନିଜ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ତାଙ୍କ ଏହି ନିଷ୍ପତ୍ତି ରାଜନୈତିକ ବିଶ୍ଳେଷକଙ୍କ ମଧ୍ୟରେ ନାନା ପ୍ରକାର ଆଲୋଚନାର ସୃଷ୍ଟି କରିଛି। ଭାରତର ସମ୍ବିଧାନ ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଲୋକସଭା ଓ ରାଜ୍ୟସଭାର ନିର୍ବାଚିତ ଏବଂ ମନୋନୀତ ସାଂସଦମାନେ ମିଳିତ ଭାବେ ଭୋଟ ଦିଅନ୍ତି। ଏହି ନିର୍ବାଚନରେ ସଂଖ୍ୟାଗରିଷ୍ଠତା ପାଇବା ପ୍ରାର୍ଥୀ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବେ। ସେପ୍ଟେମ୍ବର ୯ରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନ ପାଇଁ ରାଜନୈତିକ ଦଳମାନେ ଜୋରଦାର ପ୍ରସ୍ତୁତି • ପୃଷ୍ଠା ୭ ଦେଖନ୍ତୁ...

## ରତ୍ନଭଣ୍ଡାର ଗଣତିମଣତି ପାଇଁ ୨ ଜଣ ଏକ୍ସପର୍ଟଙ୍କ ନାମ ଦେଇଛନ୍ତି ଆରବିଆଇ



ଭୁବନେଶ୍ୱର, ୧।୮ (ହି.ସ): ରତ୍ନଭଣ୍ଡାର ଗଣତିମଣତି ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା। ସେ କହିଛନ୍ତି, ୨ ଜଣ ଏକ୍ସପର୍ଟ ଦେବା ପାଇଁ ସରକାର ଆରବିଆଇକୁ ଚିଠି ଲେଖିଥିଲେ। ଆରବିଆଇ ମଧ୍ୟ ୨ ଜଣ ଏକ୍ସପର୍ଟଙ୍କ ନାମ ଦେଇଛନ୍ତି। ଖୁବଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ। କମିଟି ଅନୁମତିରେ ରତ୍ନ ସବୁ ଭିତର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସେ ପ୍ରକ୍ରିୟା ସରିବା ପରେ ଆରବିଆଇ ଅଧିକାରୀଙ୍କୁ ତାରିଖ ଜଣାଯିବ। ଏହାପରେ ଏକ୍ସପର୍ଟ ଆସି ଗଣତିମଣତି କରିବେ। ୨୦୨୪ ଜୁଲାଇ ୧୪ରୁ ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ଖୋଲା ଯାଇଥିଲା। ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ସ୍ଥାନାନ୍ତର କରାଯାଇଥିଲା। ୧୭ ଡିସେମ୍ବର ୨୦୨୪ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ୬ ମାସ ଧରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଜାରି ରହିଥିଲା। ମହାପ୍ରଭୁଙ୍କ ବିଭିନ୍ନ ନୀତି କାନ୍ତି ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ମରାମତି କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଏବେ ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି। ଭିତର ରତ୍ନଭଣ୍ଡାରର ନଷ୍ଟ ହୋଇଥିବା ପଥର ଗୁଡିକ ବଦଳା ଯାଇଛି। ବାହାର ରତ୍ନଭଣ୍ଡାରରେ ବର୍ମାଟିକ କାଠରେ କବାଟ ଲଗାଯାଇଥିବା ବେଳେ ଏହାକୁ ଖୁବଶୀଘ୍ର ରୂପା ଛାଉଣୀ କରାଯିବ। ସେହିପରି ଭିତର ରତ୍ନଭଣ୍ଡାର କବାଟକୁ ସୁନା ଛାଉଣୀ ମଧ୍ୟ କରାଯିବ। ରତ୍ନଭଣ୍ଡାରର ୬ଟି ତାଲା ପଡିଛି। ତେବେ ଚାବିଗୁଡ଼ିକ ଭଣ୍ଡାର ମେକାପ, ଗଜପତିଙ୍କ ପ୍ରତିନିଧି, ଭଣ୍ଡାର ମେକାପଙ୍କ ପାଖରେ ରଖାଯାଇଛି। ଭିତର ଓ ବାହାର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ। ରତ୍ନଭଣ୍ଡାରର ସ୍ଥାୟୀ ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଇଛି। ୫୨୦ ପଥର ବଦଳା ଯାଇଛି।

### କ୍ୟାବିନେଟ୍ ନିଷ୍ପତ୍ତି

## ଜିଏସଟି ଆଇନରେ ସଂଶୋଧନ ଓ ଇଟାଭାଟି ରାଜସ୍ୱ ହାନି ରୋକିବାକୁ 'ଟ୍ରାକ୍ ଆଣ୍ଡ ଟ୍ରେସ୍' ବ୍ୟବସ୍ଥା



ଭୁବନେଶ୍ୱର, ୧।୮ (ହି.ସ): ବାଲି ଖନନ, ଇଟାଭାଟି ଓ ପାନମସଲା ଆଦି କ୍ଷେତ୍ରରେ ରାଜସ୍ୱ ହାନିକୁ ରୋକିବା ନିମନ୍ତେ ଏଣିକି 'ଟ୍ରାକ୍ ଆଣ୍ଡ ଟ୍ରେସ୍' ବ୍ୟବସ୍ଥାକୁ ଉପଯୋଗ କରି ଜୋରିମାନା ଆଦାୟ କରାଯିବ। ଏଥିପାଇଁ ଜିଏସଟି ଆଇନ-୨୦୧୭ରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ୨୩ତମ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୪ ବିଭାଗର ମୋଟ ୫ପ୍ରସ୍ତାବ ଆଲୋଚନା ପରେ ଅନୁମୋଦିତ ହୋଇଛି। ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏହି ନିଷ୍ପତ୍ତିଗୁଡ଼ିକ ସଂପର୍କରେ ସୂଚନା ଦେଇଛନ୍ତି। ତେବେ ଓଡ଼ିଶା ଦ୍ରବ୍ୟ ଓ ସେବା କର ଆଇନ-୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହାଫଳରେ ଟିକସ ଦାତା ଓ ଟିକସ କର୍ତ୍ତୃପକ୍ଷଙ୍କ ପାଇଁ ପ୍ରକ୍ରିୟାକୁ ସରଳୀକରଣ ସହ ସୁବିଧା କରାଯାଇଛି। ପ୍ରସ୍ତାବିତ ସଂଶୋଧନଗୁଡ଼ିକ ମଧ୍ୟରେ ଇନପୁଟ ଟ୍ୟାକ୍ସ କ୍ରେଡିଟ ପାଇବା କ୍ଷେତ୍ରରେ ପ୍ଲାଂଟ ଏବଂ ମେସିନାରୀ ଓ ପ୍ଲାଂଟ କିମ୍ବା ମେସିନାରୀ ମଧ୍ୟରେ ଅସ୍ପଷ୍ଟତାକୁ ଦୂର କରାଯାଇଛି। ଟିକସଦାତାଙ୍କୁ ରିଟର୍ଣ୍ଣ ଫାଇଲ କରିବାରେ ଅଧିକ ସୁବିଧା ପ୍ରଦାନ, ଟିକସ ଫାଙ୍କି ରୋକିବା ପାଇଁ କ୍ରେଡିଟ୍ ନୋଟ୍ ଗ୍ରହୀତାଙ୍କୁ ଆନୁପାତି ଭାବେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ରିଭର୍ସ କରିବା ଜରୁରୀ କରାଯାଇଛି। ସେହିପରି ପାନ ମସଲା, ଇଟାଭାଟି ଓ ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନି ରୋକିବା ପାଇଁ ଟ୍ରାକ ଆଣ୍ଡ ଟ୍ରେସ ବ୍ୟବସ୍ଥାର ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥା ଉଲ୍ଲଂଘନ ପାଇଁ ୧ ଲକ୍ଷ ଟଙ୍କା ବା ଦେୟ କରର ୧୦% ଜୋରିମାନା (ଯାହା ଅଧିକ ହେବ) ଦେବାକୁ ପଡ଼ିବ। ସେହିପରି ସ୍ଥାନୀୟ ପାଣ୍ଠି ଓ ମ୍ୟୁନିସିପାଲ ପାଣ୍ଠିର ଶବ୍ଦଗୁଡ଼ିକରେ ସ୍ପଷ୍ଟତା ଅଣାଯାଇଛି। ଭାଉଚର ସମ୍ବନ୍ଧୀୟ ଦେଣନେଣର ସମୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ବ୍ୟବସ୍ଥା ହଟାଇବା ଏବଂ କେବଳ ଜୋରିମାନା ସମ୍ବନ୍ଧୀୟ ଆଦେଶ ବିରୋଧରେ ଅପିଲ କରିବାକୁ ଜୋରିମାନା ରାଶିର ୧୦% ଆଗୁଆ ଜମା କରିବା ଜରୁରୀ ହୋଇଛି। ସେହିପରି ଆର୍ଥିକ ପ୍ରୋତ୍ସାହନର ମଞ୍ଜୁରୀ ପ୍ରକ୍ରିୟାକୁ ସରଳ କରିବା ପାଇଁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ କେତେକ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ୨୦୧୬ ନଭେମ୍ବର ୨୪ତାରିଖରୁ କାର୍ଯ୍ୟକାରୀ ହେଉଥିବା ଏହି ନୀତି ଅଧୀନରେ ଥିବା ବ୍ୟବସ୍ଥାକୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨ (ନଭେମ୍ବର ୩୦,୨୦୨୨ରୁ କାର୍ଯ୍ୟକାରୀ)ର ଅନୁରୂପ ବ୍ୟବସ୍ଥା ସହିତ ସମାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କ୍ୟାବିନେଟ୍ ଏହି ଆର୍ଥିକ ପ୍ରୋତ୍ସାହନ ଅନୁମୋଦନ ପ୍ରକ୍ରିୟାକୁ ସରଳୀକରଣ ଓ ବର୍ଦ୍ଧିତ ଆର୍ଥିକ ପରିମାଣ କ୍ଷମତାକୁ ମଞ୍ଜୁରୀ ଦେଇଛନ୍ତି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତା ବିଶିଷ୍ଟ 'ଡିଏଲସି' ୧କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଂଟ ଓ ମେସିନାରୀରେ ନିବେଶ, ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତା ବିଶିଷ୍ଟ 'ଏସଡିଏଲଏସି'ରେ ୧କୋଟିରୁ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଂଟ୍ ଓ ଯନ୍ତ୍ରପାତିରେ ନିବେଶ ଏବଂ ଏମଏସଏମଇ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ 'ଏସଏଲଡି'ରେ ୧୦ କୋଟିରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଂଟ ଓ ଯନ୍ତ୍ରପାତିରେ ନିବେଶ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଦେଇପାରିବେ। ଏହା ଶିଳ୍ପ ପ୍ରୋତ୍ସାହନ ନୀତି ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରକ୍ରିୟାକୁ ସରଳ କରିବ, ଯାହାଫଳରେ ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ ବୃଦ୍ଧି ଓ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ ବୋଲି କୁହାଯାଇଛି। ସେହିପରି ରାଜ୍ୟ କ୍ୟାବିନେଟ୍ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାର ଅବଧିକୁ ଆଉ ୫ବର୍ଷ ବୃଦ୍ଧି ନିମନ୍ତେ ଅନୁମୋଦନ କରିଛନ୍ତି। ଏହି ଆଡ଼ିବନ୍ଧ ତିଆରି ଯୋଜନା-୩.୦କୁ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପାଂଚ ବର୍ଷ ବୃଦ୍ଧି କରାଯିବା ସହ ଏହି ଯୋଜନାରେ ଆଉ ୨୭୩୮କୋଟି ଟଙ୍କା ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଦ୍ୱାରା ୫୭,୫୨୫ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରିବା ସହ ୪୧,୭୧୩ ହେକ୍ଟର ଚାଷ ଜମିକୁ ପୁନଃଜଳସେଚନ ବ୍ୟବସ୍ଥା ଯୋଗାଇ ଦିଆଯିବ। ଏହି ଯୋଜନାରେ ମୌସୁମୀ ପରବର୍ତ୍ତୀ ସମୟରେ ଗାଁଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇବା, ଭୂତଳ ଜଳ ପୁନଃଭରଣ ଓ ଖରିଫ ଜଳସେଚନକୁ ବୃଦ୍ଧି କରାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ତେବେ ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଓ ସିଭିଲ କୋର୍ଟ ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ, ୨୦୦୮ରେ ସଂଶୋଧନ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ନୂତନ ଅପରାଧୀ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା, ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା, • ପୃଷ୍ଠା ୭ ଦେଖନ୍ତୁ...

## ଆଜି ବାରାଣସୀ ଗସ୍ତ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧।୮ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୨ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଉତ୍ତର ପ୍ରଦେଶର ବାରାଣସୀରେ ପ୍ରାୟ ୨୨୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କରିବେ। ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ଏହି ପ୍ରକଳ୍ପଗୁଡ଼ିକ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ସହରାଞ୍ଚଳ ବିକାଶ ଏବଂ ସାଂସ୍କୃତିକ ଐତିହ୍ୟ ସମେତ ବହୁବିଧ କ୍ଷେତ୍ର ସହିତ ସମ୍ପର୍କିତ, ଯାହାର ଲକ୍ଷ୍ୟ ହେଉଛି ବାରାଣସୀରେ ସାମଗ୍ରିକ ସହରାଞ୍ଚଳ ରୂପାନ୍ତରଣ, ସାଂସ୍କୃତିକ ପୁନରୁଦ୍ଧାର, ଉନ୍ନତ ସଂଯୋଗୀକରଣ ଏବଂ ଜୀବନର ଗୁଣବତ୍ତା ବୃଦ୍ଧି କରିବା। ବାରାଣସୀରେ ସଡ଼କ ଯୋଗାଯୋଗକୁ ଉନ୍ନତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେ ବାରାଣସୀ - ଭଦୋହୀ ରାସ୍ତା ଏବଂ ଛିତାଉନି - ଶୂଳ ଟଙ୍କେଶ୍ୱର ରୋଡ ଏବଂ ହରଦତ୍ତପୁରରେ ରେଳ ଓଭରବ୍ରିଜ୍, ଯାହା ଦ୍ୱାରା ମୋହନ ସରାଇ- ଅଦଲପୁରା ରାସ୍ତାରେ ଭିଡ଼ କମ ହେବ, ସେସବୁକୁ ପ୍ରଶସ୍ତ କରିବା ଏବଂ ମଜବୁତ କରିବା ପ୍ରକଳ୍ପକୁ ମଧ୍ୟ ଉଦଘାଟନ କରିବେ। ସେ ଡାଲମଣ୍ଡି, ଲହରତାରା - କୋଟୱା, ଗଙ୍ଗାପୁର, ବାବତପୁର ସମେତ ଅନେକ ଗ୍ରାମୀଣ ଏବଂ ସହରାଞ୍ଚଳ କରିଡରରେ ବ୍ୟାପକ ରାସ୍ତା ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣ ଏବଂ ଲେଭଲ କ୍ରସିଂ ୨୨ସି ଏବଂ ଖାଲିସପୁର ୟାର୍ଡରେ ରେଳ ଓଭରବ୍ରିଜ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ, ପ୍ରଧାନମନ୍ତ୍ରୀ ସ୍ମାର୍ଟ ବଣ୍ଟନ ପ୍ରକଳ୍ପ ଅଧୀନରେ ୮୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଦ୍ୟୁତ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ। ପର୍ଯ୍ୟଟନକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ୮ଟି ନଦୀକୂଳ କୁଚ୍ଚ ଘାଟର ପୁନଃବିକାଶ, କାଳିକା ଧାମରେ ବିକାଶମୂଳକ କାର୍ଯ୍ୟ, ରଙ୍ଗିଲଦାସ କୁଟିଆ, ଶିବପୁରରେ ପୁଷ୍କରିଣୀ ଏବଂ ଘାଟର ସୌନ୍ଦର୍ଯ୍ୟକରଣ ଏବଂ ଦୁର୍ଗାକୁଣ୍ଡର ପୁନରୁଦ୍ଧାର ଏବଂ ଜଳ ବିଶୋଧନ ପ୍ରକଳ୍ପର ଉଦଘାଟନ କରିବେ। ସେ କର୍ଦ୍ଦମେଶ୍ୱର ମହାଦେବ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ, ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମସ୍ଥାନ କରଖିୟାଓଁର ବିକାଶ, ସାରନାଥ, ଋଷି ମାଣ୍ଡଭି ଏବଂ ରାମନଗର ଜୋନରେ ସହର ସୁବିଧା କେନ୍ଦ୍ର, ଲାମାହିରେ ମୁନସି ପ୍ରେମଚାନ୍ଦଙ୍କ ପୈତୃକ ଘରର ପୁନଃବିକାଶ ଏବଂ ଏହାକୁ ସଂଗ୍ରହାଳୟ ଭାବରେ ଉନ୍ନତୀକରଣ କରିବା ପ୍ରକଳ୍ପର ଶିଳାନ୍ୟାସ କରିବେ। ସେ କାଞ୍ଚନପୁରରେ ଏକ ସହରାଞ୍ଚଳ ମିୟାୱାକି ଜଙ୍ଗଲର ବିକାଶ ଏବଂ ସହିଦ ଉଦ୍ୟାନ ଏବଂ ୨୧ଟି ଅନ୍ୟ ପାର୍କର ପୁନଃବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହା ବ୍ୟତୀତ, ସାଂସ୍କୃତିକ ରୂପରେ ମହତ୍ୱପୂର୍ଣ୍ଣ, ରାମକୁଣ୍ଡ, ମନ୍ଦାକିନୀ, ଶଙ୍କୁଲଧାରା ଏବଂ ଅନ୍ୟାନ୍ୟ କୁଣ୍ଡ ସମେତ ବିଭିନ୍ନ କୁଣ୍ଡରେ ଜଳ ବିଶୋଧନ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିବେ, ଏହା ସହିତ ଚାରୋଟି ଭାସମାନ ପୂଜା ମଞ୍ଚ ସ୍ଥାପନ କରିବେ। ଗ୍ରାମାଞ୍ଚଳରେ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ, ପ୍ରଧାନମନ୍ତ୍ରୀ ଜଳ ଜୀବନ ମିଶନ ଅଧୀନରେ ୪୭ଟି ଗ୍ରାମୀଣ ପାନୀୟ ଜଳ ଯୋଜନାର ମଧ୍ୟ ଉଦଘାଟନ କରିବେ। ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ଦୃଷ୍ଟିକୋଣକୁ ଆଗକୁ ବଢାଇ ନେଇ ପ୍ରଧାନମନ୍ତ୍ରୀ ପୌର ସୀମା ମଧ୍ୟରେ ଥିବା ୫୩ଟି ସ୍କୁଲ କୋଠାର ଉନ୍ନତିକରଣ କାର୍ଯ୍ୟର ଉଦଘାଟନ କରିବେ। ସେ ଏକ ନୂତନ ଜିଲ୍ଲା ପାଠାଗାର ନିର୍ମାଣ ଏବଂ ଲାଲପୁରର ଜାଖିନିରେ ସରକାରୀ ଉଚ୍ଚ ବିଦ୍ୟାଳୟର ପୁନରୁଦ୍ଧାର ସମେତ ଅନେକ ଶିକ୍ଷାଭିତ୍ତିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ମହାମନା ପଣ୍ଡିତ ମଦନ ମୋହନ ମାଲବ୍ୟ କର୍କଟ କେନ୍ଦ୍ର ଏବଂ ହୋମି ଭାବା କର୍କଟ ହସ୍ପିଟାଲରେ ରୋବୋଟିକ୍ ସର୍ଜରୀ ଏବଂ ସିଟି ସ୍କାନ ସୁବିଧା ସମେତ ଉନ୍ନତ ଚିକିତ୍ସା ଉପକରଣ ସ୍ଥାପନ କାର୍ଯ୍ୟର ଉଦଘାଟନ କରିବେ। ସେ ଏକ ହୋମିଓପାଥିକ୍ କଲେଜ ଏବଂ ହସ୍ପିଟାଲର ମଧ୍ୟ ଶିଳାନ୍ୟାସ କରିବେ। ଏହା ସହିତ, ସେ ଏକ ପଶୁ ଜନ୍ମ ନିୟନ୍ତ୍ରଣ କେନ୍ଦ୍ର ଏବଂ ସମ୍ପୃକ୍ତ କୁକୁର ଯତ୍ନ କେନ୍ଦ୍ରର ଉଦଘାଟନ କରିବେ। ବାରାଣସୀରେ ବିଶ୍ୱସ୍ତରୀୟ • ପୃଷ୍ଠା ୭ ଦେଖନ୍ତୁ...

## ଆମେରିକାର ଏଫ୍-୩୫ କିଣିବନି ଭାରତ, ଋଷରୁ ଆସିପାରେ ଏସ୍ୟୁ-୫୭



ୱାଶିଂଟନ, ୧।୮ (ହି.ସ): ବୁଝାମଣା ପାଇଁ ଟାରିଫକୁ ଅସ୍ତ୍ର କରୁଛି ଆମେରିକା। ବାଣିଜ୍ୟ ଚୁକ୍ତି ପାଇଁ ଚାପ ପକାଉଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ ଉପରେ କଷିଛନ୍ତି ୨୫ ପ୍ରତିଶତ ଟାରିଫ୍। ହେଲେ କାମ କରିବନି ଟ୍ରମ୍ପଙ୍କ ଚାପ ରାଜନୀତି। ୱାଶିଂଟନକୁ ଓଲଟା ପଡ଼ିବ ପାୱାର ଗେମ୍। ଉପଯୁକ୍ତ ଜବାବ ଦେବ ନୂଆଦିଲ୍ଲୀ। ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପରେ ଏବେ ଆକ୍ସନ୍ ମୋଡରେ ସରକାର। ଆମେରିକାର ଷ୍ଟିଲଥ ଫାଇଟର୍ ଜେଟ୍ ଏଫ୍-୩୫ କିଣିବାକୁ ସରକାର ପଛଘୁଞ୍ଚା ଦେଇଥିବା କୁହାଯାଉଛି। ଭାରତ ପ୍ରତିରକ୍ଷା ଶକ୍ତି ବଢ଼ାଇବାକୁ ଋଷରୁ ଆଣିବ ଏସ୍ୟୁ-୫୭ ଷ୍ଟିଲଥ ଜେଟ୍। ଏନେଇ ବ୍ଲୁମବର୍ଗ ସୂତ୍ରରୁ ଖୁଲାସା ହୋଇଛି। ଏଫ୍-୩୫ ଫାଇଟର୍ ଜେଟ୍ ନେଇ ଆମେରିକା ଏବଂ ଭାରତ ଭିତରେ ଲମ୍ବା ସମୟ ଧରି ଆଲୋଚନା ଚାଲିଥିଲା। ଚଳିତ ବର୍ଷ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଲୋଚନା ବେଳେ ପ୍ରତିରକ୍ଷା ଡିଲ୍ ଫାଇନାଲ୍ ହୋଇଥିଲା। ଟ୍ରମ୍ପ ମଧ୍ୟ ଭାରତକୁ ଏଫ୍-୩୫ ବିକିବା ନେଇ ବିଧିବଦ୍ଧ ଘୋଷଣା କରିଥିଲେ। ହେଲେ ଟ୍ରମ୍ପ୍ ଋଷ ଠାରୁ ତେଲ କିଣିବା ନେଇ ଭାରତ ଉପରେ ଜରିମାନା ସଦୃଶ ୨୫ ପ୍ରତିଶତ ଟାରିଫ୍ ଲଗାଇବା ପରେ ଏବେ ଏହାର ଜବାବ • ପୃଷ୍ଠା ୭ ଦେଖନ୍ତୁ...

## ଅଗଷ୍ଟ ୩୧ ତାରିଖରେ ହେବ ସ୍ପେଶାଲ୍ ଓଟିଇଟି ପରୀକ୍ଷା




ଭୁବନେଶ୍ୱର, ୧।୮ (ହି.ସ): ଅଗଷ୍ଟ ୩୧ ତାରିଖରେ ହେବ ସ୍ପେଶାଲ୍ ଓଟିଇଟି। ଏନେଇ ଶୁକ୍ରବାର ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ପକ୍ଷରୁ ସୂଚନା ଦିଆଯାଇଛି। ଦୁଇଟି ସିଟିଂରେ ହେବ ସ୍ପେଶାଲ୍ ଓଟିଇଟି। ସକାଳ ୯ଟାରୁ ୧୧.୩୦ ଯାଏ ପେପର୍-୧ ପରୀକ୍ଷା ହେବ। ଦିନ ୨ଟାରୁ ସାଢେ ୪ଟା ଯାଏ ପେପର୍-୨ ପରୀକ୍ଷା ହେବ। ଏହି ପରୀକ୍ଷା ପାଇଁ ଅଗଷ୍ଟ ୨୨ରୁ ୱେବସାଇଟରେ ଉପଲବ୍ଧ ହେବ ଆଡମିଟ୍ କାର୍ଡ। ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପୂର୍ବ ପରୀକ୍ଷା ବାତିଲ୍ ହୋଇଥିଲା। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଏଯାବତ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ବୋର୍ଡ ଉପସଭାପତିଙ୍କ ଅଫିସର ଜଣେ ଡାଟା ଏଣ୍ଟ୍ରୀ ଅପରେଟର ରହିଥିବା ବେଳେ ୨ ଜଣ ଶିକ୍ଷକ ନେତା ବି ଅଛନ୍ତି। ଶୁକ୍ରବାର ଏକ ପ୍ରେସମିଟରେ କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର କହିଛନ୍ତି, କାହିଁକି ପ୍ରଶ୍ନପତ୍ର ଲିକ୍ ହେଲା, ତା'ର ତଦନ୍ତ ଚାଲିଛି। ବୋର୍ଡ ଅଫିସ୍ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ୭ ଜଣ ଗିରଫ ହେବା ପରେ ଆଉ କିଏ ରହିଛନ୍ତି ସେନେଇ ତଦନ୍ତ ଜାରି ରହିଛି। ଲାପଟପ୍ ପାସୱାର୍ଡ କେମିତି ମିଳିଲା ତଦନ୍ତ ଚାଲିଛି। କାହା କାହା ପାଖକୁ ପ୍ରଶ୍ନପତ୍ର ଯାଇଛି, ତା'ର ଲିଙ୍କ୍ ଖୋଜା ଚାଲିଛି। ସମସ୍ତଙ୍କୁ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ସୂଚନାଯୋଗ୍ୟ, ବୋର୍ଡ ଉପସଭାପତି କାର୍ଯ୍ୟାଳୟର ଡାଟା ଏଣ୍ଟ୍ରୀ ଅପରେଟର ଜିତନ ମହାରଣା ଉପସଭାପତିଙ୍କ ଲାପଟପରୁ ପ୍ରଶ୍ନ ଲିକ୍ କରିଥିଲେ। ସେ ଏହାକୁ ରାଜ୍ୟ ଏକ୍ସ-କ୍ୟାଡର ଶିକ୍ଷକ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଓ କୋରାପୁଟ ଜିଲ୍ଲା ଏକ୍ସ-କ୍ୟାଡର ଶିକ୍ଷକ ସଙ୍ଗଠନର ସଭାପତି ସନାତନ ବିଶୋୟୀଙ୍କୁ ପ୍ରଦାନ କରିଥିଲେ। ଏହି ବ୍ୟକ୍ତିମାନେ ପୂର୍ବ ସ୍ପେଶାଲ୍ ଓଟିଇଟି ପରୀକ୍ଷାରେ ଅସଫଳ ହୋଇଥିବା ଶିକ୍ଷକମାନଙ୍କୁ ଆକୃଷ୍ଟ କରି ରାମଜୀ ପ୍ରସାଦ ଗୁପ୍ତା, ଅଜୟ ସାହୁ ଓ ଜୟନ୍ତ କୁମାର ରାଉତଙ୍କ ମାଧ୍ୟମରେ ଲିକ୍ ହୋଇଥିବା ପ୍ରଶ୍ନପତ୍ର ବିକ୍ରି କରିଥିଲେ। ଅଭିଯୁକ୍ତମାନେ ଏହି ପ୍ରଶ୍ନପତ୍ର ବଦଳରେ ଶିକ୍ଷକମାନଙ୍କଠାରୁ ବ୍ୟାଙ୍କ ଟ୍ରାନ୍ସଫର ଓ ନଗଦ ଟଙ୍କା ଗ୍ରହଣ କରିଥିଲେ। ଚାକିରି ନିୟମିତକରଣ ଓ ବେତନ ବୃଦ୍ଧି ପାଇଁ ଆଶାୟୀ ଶିକ୍ଷକମାନଙ୍କୁ ଶୋଷଣ କରି ପ୍ରଶ୍ନପତ୍ର ବିକ୍ରି କରିବା ଏହି ଷଡ଼ଯନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଡାଟା ଏଣ୍ଟ୍ରୀ ଅପରେଟର ଜିତନ ମହାରଣା ଫୋନ-ପେ ମାଧ୍ୟମରେ ୨.୫୦ଲକ୍ଷ ଟଙ୍କା ପାଇଥିଲେ। ଅନ୍ୟ ଅଭିଯୁକ୍ତଙ୍କ ଆକାଉଣ୍ଟ ଯାଞ୍ଚ ଚାଲିଛି, କାରଣ ଏହି ରାକେଟ ବିଭିନ୍ନ ଜିଲ୍ଲାରେ ସକ୍ରିୟ ଥିବା ସନ୍ଦେହ କରାଯାଉଛି ଏବଂ ପୀଡ଼ିତଙ୍କଠାରୁ ପ୍ରଚୁର ଅର୍ଥ ସଂଗ୍ରହ କରିଥିବା ଜଣାପଡ଼ିଛି।

